# ଅନ୍ଧବିଶ୍ୱାସରୁ ଦୂରେଇ ରହି ବିଜ୍ଞାନସମ୍ମତ ଚିନ୍ତାଧାରା ଆପଣାନ୍ତୁ




## ଇଫୁନା ଓ ଉଫୁନା ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ଢେଙ୍କାନାଳ,୫।୪(ରତନ ନାୟାର)

ଢେଙ୍କାନାଳ ସହର ହୋଟେଲ ଦେବକନ୍ୟା ସମ୍ମିଳନୀ କକ୍ଷରେ ରବିବାର ଇଣ୍ଡିଆନ ଫେଡେରେଶନ ଅଫ୍ ୟୁନାଇଟେଡ ନେସନ୍ସ ଆସୋସିଏଶନ (ଇଫୁନା) ଓ ଉତ୍କଳ ଫେଡେରେଶନ ଅଫ୍ ୟୁନାଇଟେଡ ନେସନ୍ସ ଆସୋସିଏଶନ (ଉଫୁନା) ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମକୁ ଇଫୁନାର ମହାସଚିବ ସୁରେଶ ଶ୍ରୀବାସ୍ତବ ଆଭାସି ମାଧମରେ ଉଦ୍‌ଘାଟନ କରିଥିଲେ । ଉଫୁନାର ରାଜ୍ୟ ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ପ୍ରଫେସର ଡା. ତୁଷାରକାନ୍ତି ନାୟକ କହିଲେ, ଜୀବନଶୈଳୀର ପରିବର୍ତ୍ତନ ଦ୍ୱାରା ଅନେକ ବ୍ୟକ୍ତି ମଧୁମେହ, ଉଚ୍ଚ ରକ୍ତଚାପ ଆଦି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବା ସହିତ ସ୍ନାୟୁରୋଗ, କିଡନୀ ଓ ହୃଦରୋଗ ଆଦି ଜଟିଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହାର ନିରାକରଣ ନିମନ୍ତେ ସୁଷମ ଖାଦ୍ୟ ଖାଇବା ଆବଶ୍ୟକ । ସେହିପରି ଧାର୍ମିକ ଭାବନା ସହିତ ଜଡ଼ିତ ଅନ୍ଧବିଶ୍ୱାସରୁ ଦୂରେଇ ରହି ବିଜ୍ଞାନସମ୍ମତ ଚିନ୍ତାଧାରା ଆପଣାଇବା ପାଇଁ ପରାମର୍ଶ ଦେଇଥିଲେ । ୨୦୨୬ ସମସ୍ତଙ୍କ ସ୍ୱାସ୍ଥ୍ୟର ସର୍ବାଙ୍ଗୀନ ବିକାଶର ବର୍ଷ ହେଉ ଓ ସ୍ୱାସ୍ଥ୍ୟ ସଚେତନତା ହିଁ ସୁରକ୍ଷା ବୋଲି ସମସ୍ତ ବକ୍ତା ମତବ୍ୟକ୍ତ କରିଥିଲେ। ଅନ୍ୟତମ ବିଶେଷ ଅତିଥି ଭାବେ ଯୋଗଦେଇ ଉଫୁନାର ମହାସଚିବ ଦିପାୟନ ପଟ୍ଟନାୟକ, ସ୍ୱାସ୍ଥ୍ୟର ଉନ୍ନତି ହିଁ ସମାଜର ଉନ୍ନତି ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ମୀରା ବେଉରା କହିଥିଲେ, ସୁସ୍ଥ ଶରୀର, ସୁସ୍ଥ ମନର ଜନକ। ପୂର୍ବତନ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ, ଉଫୁନାର ସାଧାରଣ ସମ୍ପାଦକ କବି ବାହାଦୁର ପାଟସାହାଣୀ, ଶିକ୍ଷାବିତ ଡ. ଦେବୀପ୍ରସାଦ ମିଶ୍ର, ସାମାଜିକ କର୍ମୀ ସରୋଜ ଶତପଥୀ, ସ୍ମିତାରାଣୀ ସାମଲ ଓ ପରିବେଶବିତ୍ ଉପେନ୍ଦ୍ର ରାଉତ ପ୍ରମୁଖ ସରକାରୀ ଚିକିତ୍ସାଳୟଗୁଡ଼ିକରେ ଆବଶ୍ୟକ ସମସ୍ତ ପ୍ରକାର ଭିତ୍ତିଭୂମି ବିକାଶର ଆବଶ୍ୟକତା ରହିଛି ବୋଲି କହିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ବାହାଦୁର ପାଟସାହାଣୀ, ନନ୍ଦିକେଶ୍ୱରୀ ନାଥ, ଡ. ମାନସୀ କର, ଶୈଳବାଳା ମିଶ୍ର, ସୁକାନ୍ତି ସାହୁ, ଜିତାମିତ୍ରା ଶତପଥୀ, ସାଦତ ଖାନ, ଯାମିନୀକାନ୍ତ ହୋତା, ଲିଙ୍କୁ ପତି, ଦିପ୍ତିରଞ୍ଜନ ପଣ୍ଡା, ରାମଚନ୍ଦ୍ର ଦେବତା, ଧୀରେନ ମିଶ୍ର, ଶିକ୍ଷାବିତ ଡ. ସମୀର ସାହୁ, ଡ. ତାରା ପ୍ରସନ୍ନ ଶତପଥୀ, ଡ. ଅନୁପମା ମିଶ୍ର, ଡ. ଦେବୀପ୍ରସାଦ ମିଶ୍ର ପ୍ରମୁଖ କବିତା ପାଠ କରିବା ସହ ୩ଟି ଇଂଲିଶ ଓ ଗୋଟିଏ ଓଡ଼ିଆ ସନେଟ୍ ପାଠ କରିଥିଲେ। ସାମାଜିକ କର୍ମୀ ଯାଜ୍ଞସେନୀ ଜେନା, ପୁଷ୍ପାଞ୍ଜଳି ଜେନା, ବିଚିତ୍ରାନନ୍ଦ ମହାନ୍ତି, ତ୍ରିନାଥ ବେହେରା, ବିପିନ ବିହାରୀ ବେହେରା, ରୁଦ୍ର ପ୍ରକାଶ ଶରଣ, ମନୋଜ ମଞ୍ଜରୀ ଦାସ, ତରୁଣ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଇଂ. ଲଳିତ ମୋହନ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ଼

ଢେଙ୍କାନାଳ,୫।୪(ରତନ ନାୟାର)




ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସହରରେ ଏକ ଐତିହ୍ୟ ଗଣଦୌଡ଼ ରବିବାର ସକାଳେ ଅନୁଷ୍ଠିତ ହୋଇଯାଇଛି । ସକାଳ ସାଢେ ୬ଟାରେ ସ୍ଥାନୀୟ ମିନି ଷ୍ଟାଡ଼ିୟମଠାରୁ ଏହି ଗଣଦୌଡ଼କୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଳିତ ମୋହନ ବେହେରା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀରଞ୍ଜନ ସେଠୀ, କ୍ରୀଡ଼ା ଅଧିକାରୀ ଦୟାନିଧି ପାତ୍ର, ପର୍ଯ୍ୟଟନ ଅଧିକାରୀ ସ୍ୱପ୍ନିରଞ୍ଜନ ସାହୁ, କ୍ରୀଡାସଂଘ ସମ୍ପାଦକ ନଳିନୀ କୁମାର ଦାସ, ଅଗ୍ନିଶମ ଅଧିକାରୀ ଦୀନବନ୍ଧୁ ମଲ୍ଲିକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗଣଦୌଡରେ ସାମିଲ ହୋଇ ମିନି ଷ୍ଟାଡିୟମଠାରୁ ବାହାରି ରଥଗଡ଼ା ଦେଇ ଶ୍ରୀବଳରାମ ମନ୍ଦିର ଅତିକ୍ରମ କରି ପୁନର୍ବାର ମିନି ଷ୍ଟାଡିୟମଠାରେ ପହଞ୍ଚିଥିଲେ । ଓଡିଶାର କଳା, ସଂସ୍କୃତି, ପରମ୍ପରା ଓ ଭାଷା ସାହିତ୍ୟକୁ ଆଗେଇ ନେଇ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟ ଗଠନରେ ସହଯୋଗ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସତ୍ୟନାରାୟଣ କର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଚଳିତବର୍ଷ ୧୧ବର୍ଷ ବର୍ଗରେ ସ୍ପୋର୍ସ ଅଥରଟି ଅଫ ଇଣ୍ଡିଆ (ସାଇ)ପାଇଁ ଚୟନ ହୋଇଥିବା ଢେଙ୍କାନାଳ ଜିଲା ବ୍ୟାଡମିଣ୍ଟନ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ଆରେନ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଢେଙ୍କାନାଳ ସହରରେ ଘଡ଼ଘଡ଼ି ସହ ବର୍ଷା

ଢେଙ୍କାନାଳ,୫।୪(ରତନ ନାୟାର)



ଢେଙ୍କାନାଳ ସହରରେ ରବିବାର ଦିନ ୧ଟା ୧୫ ମିନିଟରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା । ଫଳରେ ରାସ୍ତା ଉପରେ ପାଣି ଚାଲୁଥିବା ଦେଖାଯାଇଥିଲା । କେତେକ ସ୍ଥାନରେ କୁଆପଥର ସହ ବର୍ଷା ହୋଇଥିବା ଜଣାପଡ଼ିଥିଲା । ଦିନରେ ପ୍ରବଳ ଗରମ ଅନୁଭୂତ ହୋଇଥିବା ବେଳେ ବର୍ଷା ହେବାରୁ ଗରମ ଓ ତାତିରୁ ଆଶ୍ୱସ୍ତି ମିଳିଥିଲା । ଅପରାହ୍ନ ପରଠାରୁ ପାଗ ଥଣ୍ଡା ଅନୁଭୂତ ହୋଇଥିଲା ।

# ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପରେ ମରାମତି ହେଲା ନଳକୂପ

ବଇଣ୍ଡା,୫।୪(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଶିବ ମନ୍ଦିର ନିକଟରେ ଥିବା ଏକ ସରକାରୀ ନଳକୂଅରୁ କିଛି ମାସ ହେବ ଗୋଳିଆ ପାଣି ସହ ଲୁହାଗୁଣ୍ଡ ମିଶା ପାଣି ବାହାରୁଥିବାନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଫଳରେ ରବିବାର କିଶୋରନଗର ଜଳଯୋଗାଣ ବିଭାଗ ପକ୍ଷରୁ ନୂତନ ପାଇପି ଲଗାଯାଇ ମରାମତି କରାଯାଇଛି। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ସୂଚନା ଅନୁଯାୟୀ, କିଛି ବର୍ଷ ପୂର୍ବେ ସରକାରଙ୍କ ପକ୍ଷରୁ ମନ୍ଦିର ନିକଟରେ ପାଣି ସଙ୍କଟ ଦୂର ପାଇଁ ଏକ ନଳକୂଅ ହୋଇଥିଲା । ଏହି ନଳକୂଅ ଉପରେ ଉକ୍ତ ଅଞ୍ଚଳର ୨୦ ପରିବାର ସହ ମନ୍ଦିର ନିର୍ଭର କରୁଥିଲେ। ଏହାଛଡ଼ା ସ୍ଥାନୀୟ ଜନସାଧାରଣ, ସାପ୍ତାହିକ ହାଟକୁ ଆସୁଥିବାଲୋକ ଓ ବ୍ୟବସାୟୀ ପାଣି ପାଇଁ ନିର୍ଭର କରୁଛନ୍ତି। ହେଲେ ଉକ୍ତ ନଳକୂଅରେ ଲାଗିଥିବା ପାଇପିଗୁଡ଼ିକ ନଷ୍ଟ ହୋଇଯାଇଥିବାରୁ ଲୁହାଗୁଣ୍ଡ ମିଶା ଗୋଳିଆ ପାଣି ବାହାରୁଥିଲା । ଉକ୍ତ ଅଞ୍ଚଳରେ କିଡ୍‌ନୀ ରୋଗ ବ୍ୟାପୁଥିବାରୁ ଲୋକେ ଏହି ନଳକୂଅ ପାଣି ପିଇବା ପାଇଁ ଭୟ କରୁଛନ୍ତି । ଏନେଇ କିଶୋରନଗର ଜଳଯୋଗାଣ ବିଭାଗ ସହ ବ୍ଲକ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ ହେଁ କେହି ଶୁଣି ନ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗନେଇ ଧରିତ୍ରୀ ଖବର କାଗଜରେ ପ୍ରକାଶ ପାଇବାପରେ ଆଠମଲ୍ଲିକ ଅଞ୍ଚଳର ସାମାଜିକକର୍ମୀ ପ୍ରିୟଦର୍ଶିନି ସ୍ୱାଇଁ ଟୁଇଟ୍ କରି ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ




ଭୁବନ, ୫।୪ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ହିଙ୍ଗୁଳା ପୀଠରେ ରବିବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭୁବନ, କାମାକ୍ଷାନଗର, ପରଜଙ୍ଗ ଓ କଙ୍କଡ଼ାହାଡ଼ ଖଣ୍ଡର ସମସ୍ତ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଭୁବନ ଖଣ୍ଡଚାଳକ ପ୍ରଭାତ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ଓଡ଼ିଶା ପୂର୍ବ ପ୍ରାନ୍ତର ସମ୍ପର୍କ ପ୍ରମୁଖ ଅଧିବକ୍ତା ସର୍ବେଶ୍ୱର ବେହେରା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକ ଅବସରରେ ସଂଘ ଓ ସମାଜକୁ ଯୋଡ଼ିବାର ପ୍ରୟାସ ସଫଳ କରିପାରିଛି ବୋଲି କହିଥିଲେ। ସେଥିରେ ନାଗରିକ ଅଧିକାର ସହ କର୍ତ୍ତବ୍ୟକୁ ପାଳନ କଲେ ଭାରତ ପରମ ବୈଭବଶାଳୀ ହୋଇପାରିବ ବୋଲି କହିଥିଲେ। ଏକ ଶତ ବର୍ଷ ଉପଲବ୍ଧି ଉପରେ ଆଲୋକପାତ କରି ବୁଦ୍ଧିଜୀବୀଙ୍କୁ ରାଷ୍ଟ୍ରରେ ଏକତା ରକ୍ଷା କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରମୁଖ ଦିଲୀପ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ନଗର କାର୍ଯ୍ୟବାହ ସିଲୁ ମିଶ୍ର ଧନ୍ୟବାଦ ଦେଇଥିଲେ। କାମାକ୍ଷା, କଙ୍କଡ଼ାହାଡ଼, ଭୁବନ ଅଞ୍ଚଳର କଲେଜ ଅଧ୍ୟାପିକା, ଅଧ୍ୟାପକ, ଆଇନଜୀବୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ମୁଖ୍ୟ ଯୋଗଦେଇଥିଲେ।

# ଓଡ଼ିଆରେ ନାମଫଳକ ଲେଖା ଅଭିଯାନ ସଚେତନତା



ଢେଙ୍କାନାଳ,୫।୪(ରତନ ନାୟାର)

ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରାଙ୍କ ଦ୍ୱାରା ଓଡ଼ିଆ ପକ୍ଷ ପାଳନ ପ୍ରରିପ୍ରେକ୍ଷୀରେ 'ଓଡ଼ିଆରେ ନାମ ଫଳକ ଲେଖା ଅଭିଯାନ-୨୦୨୬'ର ଏକ ସଚେତନତା ପଦଯାତ୍ରା ଶନିବାର ସକାଳେ ଉଦ୍‌ଘାଟନ କରଯାଇଥିଲା। ଏହି ପଦଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ବାଜିଚୌକଠାରେ ଶେଷ ହୋଇଥିଲା। ଏହି ପଦଯାତ୍ରାରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ମୋନାଲିସା ନାୟକ, ଜିଲା ଶ୍ରମ ଅଧିକାରୀ ତପନ କୁମାର ସୂତାର, ସହକାରୀ ଶ୍ରମ ଅଧିକାରୀ ସଂଗ୍ରାମ ଦଳାଇ ଓ ବୈଜୟନ୍ତୀମାଳା ମଲ୍ଲିକ, ଜିଲା ଶ୍ରମ କାର୍ଯ୍ୟାଳୟର କର୍ମଚାରୀ, ବାଣିଜ୍ୟ ସଂଘର ସଦସ୍ୟ, ଅଣ ସରକାରୀ ସଂଗଠନର ସଦସ୍ୟ, ଶ୍ରମିକ ସଂଘର ସଦସ୍ୟ, ଅଙ୍ଗନୱାଡି କର୍ମୀ ଓ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନଗୁଡିକରେ ଓଡିଆରେ ନାମ ଫଳକ ଲଗେଇବା ପାଇଁ ସଚେତନତା ସୃଷ୍ଟି କରଯାଇଥିଲା । ସେହିପରି ଅପରାହ୍ନ ସାଢେ ୪ଟା ସମୟରେ ଉପଜିଲାପାଳ କାମାକ୍ଷାନଗରଙ୍କ ନେତୃତ୍ୱରେ କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳରେ ଏକ ସଚେତନତା ଶୋଭାଯାତ୍ରା ପରିକ୍ରମା କରିଥିଲା। ଶୋଭାଯାତ୍ରାରେ କାମାକ୍ଷାନଗର ଉପଜିଲାପାଳ ଦୀନମଣି ନାଏକଙ୍କ ସମେତ ବିଡିଓ ପ୍ରଭୂକଲ୍ୟାଣ ଦାସ ଓ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନ ଗୁଡିକରେ ଓଡିଆରେ ନାମ ଫଳକ ଲଗାଇବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା ।

# ଜଙ୍ଗଲରୁ ଅବାଧ କାଠ ଚାଲାଣ ଅଭିଯୋଗ

ବଇଣ୍ଡା,୫।୪(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ଅଧୀନରେ ଥିବା ଆମ୍ବସରମୁଣ୍ଡା ଜଙ୍ଗଲରୁ ଅବାଧ କାଠ ଚାଲାଣ କରାଯାଉଥିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଧଣ୍ଡାତୋପା ରେଞ୍ଜ ନିକଟସ୍ଥ ଏହି ଜଙ୍ଗଲରେ କାଠ ମାଫିଆଙ୍କ ସକ୍ରିୟ ଥିବାରୁ ଆଗାମୀ ଦିନରେ ଜଙ୍ଗଲଟି ପଦା ହୋଇଯିବାର ଆଶଙ୍କା କରାଯାଇଛି। ଏନେଇ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟଠାରେ ସ୍ଥାନୀୟ ଗ୍ରାମବାସୀ ବହୁବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ଅଞ୍ଚଳବାସୀ ଶନିବାର ଆଠମଲ୍ଲିକ ଡିଏଫ୍‌ଓଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଗ୍ରାମବାସୀ ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି, ଆଠମଲ୍ଲିକ ବନଖଣ୍ଡରେ ଥିବା ଉକ୍ତ ଜଙ୍ଗଲ ଏବେ ଘଞ୍ଚ ହୋଇ ରହିଛି । କିନ୍ତୁ ଏହି ଜଙ୍ଗଲ ଏବେ ଅସୁରକ୍ଷିତ ହୋଇପଡ଼ିଛି। ଉକ୍ତ ଜଙ୍ଗଲରେ ୧୯୯୭ ମସିହାରେ ରାଜ୍ୟ ସରକାର ଜଙ୍ଗଲ ସୃଷ୍ଟି ପାଇଁ ୯ ହଜାର ୬୬୦ଟି ଶାଗୁଆନ, ଶିଶୁ, ପଟାସ ଗଛ ଲଗାଇଥିଲେ। ଏବେ ତାହା ବଡ ହୋଇ ଘଞ୍ଚ ହୋଇଥିବାରୁ ଯାହା କାଠ ମାଫିଆଙ୍କ ନଜର ପଡ଼ିଛି। କାଠ ମାଫିଆ ସକ୍ରିୟ ହୋଇ ପ୍ରତିଦିନ ଅବାଧ କାଠ କାଟି ଚାଲାଣ କରୁଛନ୍ତି। ମୂଲ୍ୟବାନ ଶାଗୁଆନ, ଶାଳ, ପିଆଶାଳ ଗଛଗୁଡିକୁ ବିଳମ୍ବିତ ରାତିରେ କାଟି ଜଙ୍ଗଲର ଗୁପ୍ତସ୍ଥାନରେ ରଖିବା ପରେ ଏଥିରୁ ପଟ୍ଟା ପ୍ରସ୍ତୁତ କରି ନାମୀଦାମୀ ଗାଡ଼ିରେ ଜିଲା ତଥା ଜିଲା ବାହାରକୁ ଚାଲାଣ କରାଯାଉଛି । ବନ ବିଭାଗର କେତେଜଣ ଅଧିକାରୀଙ୍କୁ ହାତକରି କାଠ ମାଫିଆ ଏହି କାରବାର କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ବନ ବିଭାଗ ରାତ୍ରି ପାଟ୍ରୋଲିଂ କରୁ ନ ଥିବା ଯୋଗୁ କାଠ ମାଫିଆ ନିରାପଦରେ ଗଛ କାଟୁଛନ୍ତି। ପୂର୍ବରୁ ଗ୍ରାମବାସୀ ଏନେଇ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ କି ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉନାହିଁ। ତୁରନ୍ତ ଏଥିପ୍ରତି ବନ ବିଭାଗର ଉଚ୍ଚ ପଦାଧିକାରୀ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି। ଏନେଇ ଧଣ୍ଡାତୋପା ରେଞ୍ଜର ବବ୍ରୁବାହାନ ସାହୁ କହିଛନ୍ତି, ଜଙ୍ଗଲ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି।

# ସୁଲକ୍ଷଣା ଦେବୀ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ଢେଙ୍କାନାଳ,୫।୪(ରତନ ନାୟାର)



ଢେଙ୍କାନାଳ ପିଏମ୍‌ଶ୍ରୀ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀଙ୍କ ତତ୍ତ୍ୱାବଧାନରେ ରବିବାର ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, କାଉନ୍‌ସିଲର ଲକ୍ଷ୍ମୀପ୍ରିୟା ଦଳେଇ, ସାମାଜିକ କର୍ମୀ କରୁଣାକର ଦଳେଇ, ବିକାଶ ପୁହାଣ, ପଞ୍ଚସଖା ଶିକ୍ଷାସେତୁର ସଭାପତି କୃଷିଦା ବେଗମ୍ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଉତ୍ସବରେ କୁନିକୁନି ପିଲାଙ୍କ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ୭ରେ ଇଗ୍ନୁର ୩୯ତମ ଦୀକ୍ଷାନ୍ତ ସମାରୋହ

ଅନୁଗୋଳ,୫।୪(ଦିବ୍ୟଶାନ୍ତନୁ ନାଥ)

ଇଗ୍ନୁ ଆଞ୍ଚଳିକ କେନ୍ଦ୍ର, ଅନୁଗୋଳ ପ୍ରଥମ ଥର ପାଇଁ ଆସନ୍ତା ୭ତାରିଖରେ ବ୍ଲାକ ଡାଏମଣ୍ଡ, ଅନୁଗୋଳଠାରେ ୩୯ତମ ଦୀକ୍ଷାନ୍ତ ସମାରୋହ ଆୟୋଜନ କରିବାକୁ ଯାଉଛି । ଏହି ଦୀକ୍ଷାନ୍ତ ସମାରୋହ ମୁଖ୍ୟତଃ ବିଶ୍ୱବିଦ୍ୟାଳୟର ଦିଲ୍ଲୀ କ୍ୟାମ୍ପସରେ ବାବାସାହେବ ଆମ୍ବେଡକର ସଭାଗୃହରେ ଆୟୋଜନ ହେବ। ସମାନ୍ତରାଳ ଭାବେ ଭାରତର ୫୧ଟି ଆଞ୍ଚଳିକ କେନ୍ଦ୍ରରେ ବି ଏହା ଆୟୋଜନ ହେବ। ଭାରତର ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ । ଦିଲ୍ଲୀ ଉପରାଜ୍ୟପାଳ ତରନଜିତ ସିଂ ସନ୍ଧୁ ବିଶିଷ୍ଟ ଅତିଥି ଭାବେ ଯୋଗଦେବେ । ଅନୁଗୋଳଠାରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁରର କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ସମ୍ମାନିତ ଅତିଥି ହେବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ। ଭାରତୀୟ ସ୍ତରରେ ୩୨୪୮୩୫ ଜଣ ଶିକ୍ଷାର୍ଥୀ ଡିଗ୍ରୀ ପାଉଥିଲା ବେଳେ ଅନୁଗୋଳ ଆଞ୍ଚଳିକ କେନ୍ଦ୍ରରେ ୧୮୫୩ଜଣ ଶିକ୍ଷାର୍ଥୀ ଡିଗ୍ରୀ ଗ୍ରହଣ କରିବେ।

# ପାଉଁଶ ବୋଝେଇ ଟ୍ରକ୍ ଅଟକାଇବାରୁ ଉତ୍ତେଜନା

## ୫୫ନଂ. ଜାତୀୟ ରାଜପଥରେ ଟ୍ରାଫିକ୍ ଜାମ୍

ଢେଙ୍କାନାଳ,୫।୪(ରତନ ନାୟାର)



ଢେଙ୍କାନାଳ ସହର ୫୫ନଂ ଜାତୀୟ ରାଜପଥ ମହିଷାପାଟ ଛକଠାରେ ରବିବାର ଭୋର ସମୟରେ କିଛି ବ୍ୟକ୍ତି ୩୦ରୁ ଉର୍ଦ୍ଧ୍ୱ ପାଉଁଶ ବୋଝେଇ ଟ୍ରକ୍‌କୁ ଅଟକାଇବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଓଭରଲୋଡିଂ ଯାଞ୍ଚ ଆଳ ଦେଖାଇ କେତେଜଣ ବ୍ୟକ୍ତି ପାଉଁଶ ବୋଝେଇ ଟ୍ରକ୍‌ଗୁଡିକୁ ଅଟକାଇ ରାଜପଥ ନିକଟସ୍ଥ ପଲ୍ଲିଶ୍ରୀ ମେଳା ପଡ଼ିଆରେ ଭର୍ତ୍ତି କରିଥିଲେ । ସେହିପରି ଜାତୀୟ ରାଜପଥରେ ଯିବାଆସିବା କରୁଥିବା ଅନ୍ୟ ଭାରିଯାନଗୁଡିକ ପରିବହନ ବିଭାଗ ପକ୍ଷରୁ ଯାଞ୍ଚ ହେଉଥିବା ସନ୍ଦେହ କରି ରାସ୍ତାରେ ଅଟକି ରହିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା । ରାଜପଥରେ ଯାନବାହନ ଯାଞ୍ଚ ପାଇଁ ଆଞ୍ଚଳିକ ପରିବହନ ବିଭାଗ କିମ୍ବା ପୋଲିସର କ୍ଷମତା ଥିବା ବେଳେ କିପରି ଅନ୍ୟ କେତେଜଣ ବ୍ୟକ୍ତି ଓଭରଲୋଡିଂ ଯାଞ୍ଚ କରାଯିବ କହି ପାଉଁଶ ବୋଝେଇ ଟ୍ରକଗୁଡ଼ିକୁ ଅଟକାଇଲେ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଟକିଥିବା କେତେକ ଟ୍ରକ୍‌ର ଚାଳକମାନେ ମଧ୍ୟ ଏହାକୁ ନେଇ ପ୍ରତିବାଦ କରିଥିଲେ । ଖବରପାଇ ଢେଙ୍କାନାଳ ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁ, ଟାଉନ ଥାନା ଅଧିକାରୀ ଧୀରେନ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା । ସେହିପରି ଅଟକା ଯାଇଥିବା ଟ୍ରକ୍‌ଗୁଡିକର ସଂଘର କର୍ମକର୍ତ୍ତାମାନେ ମଧ୍ୟ ପହଞ୍ଚି ଟ୍ରକ୍‌ଗୁଡିକୁ ଅଟକାଇଥିବା ବ୍ୟକ୍ତିଙ୍କ ସହିତ ଆଲୋଚନା କରିବା ପରେ ପରସ୍ପର ମଧ୍ୟରେ ବୁଝାମଣା ହୋଇ ସମାଧାନ ହୋଇଥିଲା । ପରେ ସ୍ୱାଭାବିକ ଭାବେ ଟ୍ରକ୍ ଚଳାଚଳ କରିଥିଲା ।

# ହାତୀ ଆକ୍ରମଣରେ ୩ ଗାଁର ୪ ଗୁରୁତର

ପରଜଙ୍ଗ,୫।୪
(ନିଗମାନନ୍ଦ ଦଳବେହେରା)





ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଅଧିନରେ ରବିବାର ଏକ ଗୋଟିକିଆ ଦନ୍ତା ହାତୀ ଆକ୍ରମଣରେ ରବିବାର ଭୋର୍‌ରୁ ୪ ଜଣ ମହୁଲ ଗୋଟାଳି ଗୁରୁତର ଆହତ ହୋଇଛନ୍ତି। ଗୁରୁତର ହେଲେ ଆଖୁଆପାଳ ପଞ୍ଚାୟତ ଭେରୁବଣିଆ ମୁଣ୍ଡା ସାହିର କରମି ହାଁସଦା(୫୬), କନ୍ତୋର ପଞ୍ଚାୟତ ଚଣ୍ଡିକଟୈଳା ସାହିର ସାବିତ୍ରୀ ସାହୁ(୫୦), ଖଇରା ସାହିର ଦେବରାଜ ସାହୁ(୭୦) ଓ ବାରିହାପୁର ଗାଁର ଆଦିତ୍ୟ ସାହୁ(୩୭)।
ସୂଚନା ଅନୁଯାୟୀ, ଗୋଟିକିଆ ଦନ୍ତାଟି ପ୍ରଥମେ ଦଦରାଘାଟି ସେକ୍ସନ ଦୋମୁହାଣି ବିଟ୍‌ର ଭେରୁବଣିଆରେ ଆକ୍ରମଣ କରି ସେଠାରୁ କନ୍ତୋର ଚଣ୍ଡିକଟୈଳାରେ ଆକ୍ରମଣ କରିଥିଲା। ସେଠାରୁ ଦ୍ରୁତବେଗରେ ଯାଇ ଖଇରା ସାହି ଓ ପରେ ବାରିହାପୁରରେ ଆକ୍ରମଣ କରିଥିଲା। ରବିବାର ଭୋର୍‌ରୁ ଘରଠାରୁ ଅଳ୍ପଦୂରରେ ମହୁଲ ଗୋଟାଉଥିବା ବେଳେ କରମିଙ୍କୁ ହାତୀ ଆକ୍ରମଣ କରିଥିଲା। ଖବରପାଇ ଦଦରାଘାଟି ସେକ୍ସନ ଫରେଷ୍ଟର ଦାୟିତ୍ୱରେ ଥିବା ଫରେଷ୍ଟ ଗାର୍ଡ ପାର୍ଥ ସାରଥୀ ତ୍ରିପାଠୀ ଆହତ ବୃଦ୍ଧାଙ୍କୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ସୂଚନା ମିଳିଛି । ସେହିପରି ହାତୀଟି ସେଠାରୁ ଆସି କନ୍ତୁର ପଞ୍ଚାୟତ ଚଣ୍ଡିକଟୈଳା ସାହିର ସାବିତ୍ରୀଙ୍କୁ ମହୁଲ ଗୋଟାଉଥିବାବେଳେ ପଛରୁ ଆକ୍ରମଣ କରିଥିଲା। ତାଙ୍କ ଅଣ୍ଟା ଓ ଜଂଘରେ ଆଘାତ ଲାଗିଛି । ପରେ ଖଇରା ସାହିର ଦେବରାଜଙ୍କୁ ମହୁଲ ଗୋଟାଉଥିବାବେଳେ ହାତୀଟି ଶୁଣ୍ଢରେ କଚାଡ଼ି ଦେଇଥିଲା। ତାଙ୍କ ଛାତିରେ ଶକ୍ତ ଆଘାତ ଲାଗିଛି । ସେହିପରି ବାରିହାପୁର ଗାଁର ଆଦିତ୍ୟ ମହୁଲ ଗୋଟାଇବାକୁ ଯାଇ ହାତୀ ହାବୁଡ଼ରେ ପଡ଼ିଥିଲେ। ତାଙ୍କ ଅବସ୍ଥା ଗୁରୁତର ରହିଛି। ୪ ଜଣଙ୍କୁ ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ୩ ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଡିହଡୋଳ ଫରେଷ୍ଟର ଚନ୍ଦ୍ରଶେଖର ବେହେରା ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ପଚାରିବା ସହ ସମସ୍ତ ସହଯୋଗ କରୁଛନ୍ତି । ସେପଟେ ହାତୀ ସ୍କ୍ୱାଡ୍ ହାତୀଟିର ପିଛା କରି ନଜର ରଖିଛନ୍ତି। ସନ୍ଧ୍ୟାବେଳକୁ ହାତୀଟି ମୁକ୍ତାପଶି ସେକ୍ସନ ଅଞ୍ଚଳକୁ ଯାଇଥିବା ଫରେଷ୍ଟର ବେହେରା ସୂଚନା ଦେଇଛନ୍ତି।

